# ରାଷ୍ଟ୍ରପତି ଭବନରେ ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସମ୍ମିଳନୀ



ନୂଆଦିଲ୍ଲୀ, ୨୯/୦୫ (ନ୍ୟୁ.ଏ) :ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ' ଶୀର୍ଷକ ଦୁଇ ଦିନିଆ ସାହିତ୍ୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦଘାଟନ କରିଥିଲେ । ଉଦଘାଟନୀ ଭାଷଣରେ ସେ କହିଥିଲେ ଯେ ୧୪୦ କୋଟି ଦେଶବାସୀ ବିଶିଷ୍ଟ ଆମ ପରିବାରରେ ଅନେକ ଭାଷା ଏବଂ ଅଗଣିତ ଉପଭାଷା ଅଛି । ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି । କିନ୍ତୁ ଏହି ବିବିଧତାରେ ଭାରତୀୟତାର ସ୍ପନ୍ଦନ ଅନୁଭୂତ ହୁଏ । ଭାରତୀୟତାର ଏହି ଭାବନା ଆମ ଦେଶର ସାମୂହିକ ଚେତନାରେ ସନ୍ନିହିତ ହୋଇ ରହିଛି । ମୁଁ ବିଶ୍ୱାସ କରେ ଯେ ସବୁ ଭାଷାରେ ଲିଖିତ ସାହିତ୍ୟ ମୋର ସାହିତ୍ୟ । ଗୋପବନ୍ଧୁ ଦାସ, ରବିନ୍ଦ୍ରନାଥ ଠାକୁର, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ପ୍ରତିଭା ରାୟ ଆଦି ସାହିତ୍ୟିକଙ୍କ ଦୃଷ୍ଟାନ୍ତ ଦେଇ ସେ କହିଥିଲେ ଯେ ଆଜିର ସାହିତ୍ୟ ଉପଦେଶମୂଳକ ହୋଇପାରିବ ନାହିଁ । ସାହିତ୍ୟରୁ ପ୍ରେରଣା ନେଇ ମଣିଷ ସ୍ୱପ୍ନ ଦେଖେ ଏବଂ ସେଗୁଡ଼ିକୁ ସାକାର କରେ । ସେ ଆହୁରି କହିଥିଲେ ଯେ ସମାଜ ଏବଂ ସାମାଜିକ ଅନୁଷ୍ଠାନ ବଦଳିବା ସହିତ ଆହ୍ୱାନ ଏବଂ ପ୍ରାଥମିକତାରେ ପରିବର୍ତ୍ତନ ହୋଇଛି । ସେହିଭଳି ଭାବରେ ସାହିତ୍ୟରେ ମଧ୍ୟ ସମାନ ପରିବର୍ତ୍ତନ ଦେଖାଯାଇଛି । କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେଉଛି କାଳଜୟୀ ସାହିତ୍ୟର ପରିଚୟ । ଏହି ଅବସରରେ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଥିଲେ ଯେ, ସାହିତ୍ୟ ହେଉଛି ସମାଜ ତଥା ସାମାଜିକ ଭାବନାର ଦର୍ପଣ । ଦର୍ପଣର କାମ କରିବା ପୂର୍ବକ ଏହା ସମାଜ ପାଇଁ ଏକ ମାର୍ଗଦର୍ଶକ ଭାବରେ ମଧ୍ୟ କାର୍ଯ୍ୟ କରେ । ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଆମ ଦେଶ ସାଂସ୍କୃତିକ ପୁନରୁଦ୍ଧାରରେ ଏକ ପର୍ଯ୍ୟାୟ ଦେଇ ଗତି କରୁଛି । ଏପରି ପରିସ୍ଥିତିରେ, ସାହିତ୍ୟିକ ସ୍ରଷ୍ଟାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ । କାର୍ଯ୍ୟକ୍ରମର ଆରମ୍ଭରେ, ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ଏବଂ ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କହିଥିଲେ ଯେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାହିତ୍ୟ ଏକାଡେମୀ ଏକ ଅଗ୍ରଣୀ ଏବଂ ପ୍ରଭାବଶାଳୀ ଅନୁଷ୍ଠାନ । ଗତ କିଛି ବର୍ଷ ମଧ୍ୟରେ ଏକାଡେମୀ ଅନେକ ରେକର୍ଡ ସ୍ଥାପନ କରିଛି ଏବଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ସମ୍ମିଳନୀ ଏକାଡେମୀର ବିଶେଷ ସକ୍ରିୟତାର ଏକ ଉଲ୍ଲେଖନୀୟ ଉଦାହରଣ । ସେ ଆଶା ପ୍ରକାଶ କରିଥିଲେ ଏହି ସମ୍ମିଳନୀ ସାହିତ୍ୟରେ ପରିବର୍ତ୍ତନ ପ୍ରତି ଆମର ଦୃଷ୍ଟିକୋଣକୁ ଆହୁରି ବ୍ୟାପକ କରିବ । ସ୍ୱାଗତ ଭାଷଣ ପରେ ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ରାଷ୍ଟ୍ରପତି ଦ୍ରୌପଦୀ ଏବଂ ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ଅଙ୍ଗବସ୍ତ୍ର ଏବଂ ଏକ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ ।